# ଆଜିଠାରୁ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ

**ଯୋଗଦେବେ ୨୨୦ ଯୁବ ପ୍ରତିନିଧି**

ଭୁବନେଶ୍ୱର,୨୪।୧(ଅନୁରାଧା ମହାରଣା)

ନେହେରୁ ଯୁବକେନ୍ଦ୍ର ସଂଗଠନର ଓଡିଶା ଶାଖା ଏବଂ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ୧୬ତମ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ଶନିବାରଠାରୁ ଆରମ୍ଭ ହେବ। ୩୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଜାତୀୟସ୍ତରୀୟ କାର୍ଯ୍ୟକ୍ରମରେ ଛତିଶଗଡ଼, ମଧ୍ୟପ୍ରଦେଶ ଏବଂ ଓଡ଼ିଶାର ୫ଟି ଜିଲାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରୁ ୨୨୦ଜଣ ଯୁବ ପ୍ରତିନିଧି ଯୋଗଦେବେ। ଆଦିବାସୀଙ୍କୁ ସାମିଲ କରିବା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ନେହେରୁ ଯୁବକେନ୍ଦ୍ରର ରାଜ୍ୟ ନିର୍ଦ୍ଦେଶକ ଶିବାଜୀ ମୁରଲୀଧର ଖରାତ ଓ ଯୁବ ଅଧିକାରୀ ବିପିନ କୁମାର ସୂଚନା ଦେଇଛନ୍ତି।

# ସ୍ୱାଧୀନତା ସଂଗ୍ରାମୀ ବକ୍ସି ଜଗବନ୍ଧୁଙ୍କୁ ଉପେକ୍ଷା

କଟକ,୨୪।୧(ଶିକ୍ଷା ପ୍ରିୟଦର୍ଶିନୀ)

ମହାନ୍ ବିପ୍ଳବୀ ତଥା ସ୍ୱାଧୀନତା ସଂଗ୍ରାମୀ ବକ୍ସି ଜଗବନ୍ଧୁଙ୍କ ତିରୋଧାନ ଦିବସ କଟକ ବକ୍ସିବଜାରଠାରେ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଦିବସ ପାଳନ ପାଇଁ ସମସ୍ତ ବ୍ୟବସ୍ଥା କରିବାକୁ ବକ୍ସିବଜାର ବ୍ୟବସାୟୀ ସଂଘ ପକ୍ଷରୁ କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ ଏବଂ ସିଏମ୍‌ସି କମିଶନର ଅନାମ ଚରଣ ପାତ୍ରଙ୍କୁ ଅବଗତ କରାଯାଇଥିଲା। ହେଲେ ସିଏମ୍‌ସି ପକ୍ଷରୁ ଏନେଇ କୌଣସି ବ୍ୟବସ୍ଥା କରାଯାଇ ନ ଥିଲା। ଏପରି କି କୌଣସି ରାଜନେତା ଉପସ୍ଥିତ ନ ଥିବାରୁ ବକ୍ସି ଜଗବନ୍ଧୁଙ୍କୁ ସିଧାସଳଖ ଭାବେ ଅଣଦେଖା କରାଯାଇଥିବା ନେଇ ସଂଘ ସଭାପତି ସଲିଲ କୁମାର ଘୋଷ ଅଭିଯୋଗ କରିଛନ୍ତି। ଜାନୁଆରୀ ୨୩ ତାରିଖ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀକୁ ପରାକ୍ରମ ଦିବସ ଭାବେ ବେଶ୍ ଧୁମ୍‌ଧାମ୍‌ରେ ପାଳନ କରାଯାଇଥିବାବେଳେ ଏହାର ପରଦିନ ଅର୍ଥାତ୍ ୨୪ ତାରିଖରେ ବକ୍ସି ଜଗବନ୍ଧୁଙ୍କ ପ୍ରତି ଏଭଳି ଉପେକ୍ଷାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।

**ଶ୍ରଦ୍ଧାଞ୍ଜଳି ଜଣାଇବାକୁ ଆସିଲେନି ରାଜନେତା**

୨୦୨୪ ଅଗଷ୍ଟ ୩୧ ତାରିଖ ସ୍ୱାୟତ୍ତ ଶାସନ ଦିବସରେ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ସିଏମ୍‌ସି ପକ୍ଷରୁ କଟକରେ ସ୍ଥାପନ କରାଯାଇଥିଲା। ଏହାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିଥିଲେ। ଏଥିରେ କଟକର ରାଜନେତାମାନେ ମଧ୍ୟ ଯୋଗଦେଇଥିଲେ। ହେଲେ ତିରୋଧାନ ଦିବସରେ ତାଙ୍କ ପ୍ରତିମୂର୍ତ୍ତି ନିକଟରେ ରାଜନେତାଙ୍କ ଦେଖା ମିଳି ନ ଥିଲା। ଏନେଇ ମେୟର ସିଂ କହିଛନ୍ତି, ସିଏମ୍‌ସି ପକ୍ଷରୁ କମିଶନର ଅନାମ ଚରଣ ପାତ୍ର, ଅତିରିକ୍ତ କମିଶନର କଳ୍ପତରୁ ବେହେରା ଓ ସେ ନିଜେ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରବାସୀ ଓଡ଼ିଆ କାର୍ଯ୍ୟକ୍ରମ ସମୟରୁ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ଥିବା ସ୍ଥାନକୁ ସୁନ୍ଦର ଭାବେ ସଜାଯାଇଛି। ଏହାର ରକ୍ଷଣାବେକ୍ଷଣ ମଧ୍ୟ କରାଯାଉଛି। ଏଭଳି ଅଭିଯୋଗ ଭିତ୍ତିହୀନ ଓ ଏଥିରେ କୌଣସି ସତ୍ୟତା ନାହିଁ ବୋଲି ସେ କହିଛନ୍ତି। ଅପରପକ୍ଷରେ ଭାଜପା ସରକାର ସମୟରେ ବରପୁତ୍ରଙ୍କୁ ଏଭଳି ଅସମ୍ମାନ ସମ୍ପର୍କରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ କହିଛନ୍ତି, ପରାକ୍ରମ ଦିବସ ଭଳି ବକ୍ସି ଜଗବନ୍ଧୁଙ୍କ ତିରୋଧାନ ଦିବସ ପାଳନ କରିବା ଆବଶ୍ୟକ ଥିଲା। ଭାଜପା ସରକାର ଓଡ଼ିଆ ଅସ୍ମିତାକୁ ଗୁରୁତ୍ୱ ଦେଉଥିବା ନେଇ କହୁଥିବାବେଳେ ତାହା କାମରେ ଲାଗୁନାହିଁ। ଏଭଳି ଅସମ୍ମାନକୁ ବରଦାସ୍ତ କରାଯିବ ନାହିଁ। କଟକ ଏମ୍‌ପି ଭର୍ତ୍ତୃହରି ମହତାବ କହିଛନ୍ତି, ବରପୁତ୍ରଙ୍କୁ ସମ୍ମାନ ଦିଆଯିବା ଦିଗରେ ଭାଜପା ସରକାର କାର୍ଯ୍ୟ ଜାରି ରଖିଛି। ମୋର ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବାରୁ ମୁଁ ଯାଇପାରିନାହିଁ। ଏପରି କି ଶୁକ୍ରବାରର ସମସ୍ତ କାର୍ଯ୍ୟକ୍ରମ ବାତିଲ କରିଛି। ଏ ଦିଗରେ ସିଏମ୍‌ସି ଅଧିକ ସଜାଗ ରହିବା ଆବଶ୍ୟକ। କଟକବାସୀ ଏକ୍‌ଜୁଟ୍ ହୋଇ ଏହାକୁ ଧୁମ୍‌ଧାମରେ ପାଳନ କରିବା ଆବଶ୍ୟକ ଥିଲା ବୋଲି ମହତାବ କହିଛନ୍ତି।



**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com


@ ଜିତୁ


@ ଆଶିଷ


@ ରୋହନ


@ ସତ୍ୟଜିତ୍


@ ପ୍ରଭାତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସଂଘର୍ଷ କାହାଣୀ ବଖାଣିଲେ ସଫଳ କନ୍ୟା


ରାଜସ୍ୱ ମନ୍ତ୍ରୀ ସୁରେଶ କୁମାର ପୂଜାରୀ ଓ ଅନ୍ୟ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର, ୨୪।୧ (ବନ୍ଦନା ସେଠୀ)

ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ, ବାଲ୍ ରକ୍ଷା ଭାରତ ଏବଂ ଆଶାଏଁ ଟ୍ରଷ୍ଟର ମିଳିତ ସହଯୋଗରେ ଜାତୀୟ କନ୍ୟା ସନ୍ତାନ ଦିବସ ତଥା ଅନ୍ତର୍ଜାତୀୟ ଶିକ୍ଷା ଦିବସ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରଠାରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ କୁମାର ପୂଜାରୀ ଯୋଗଦେଇ ପିଲାଙ୍କ ମଧ୍ୟରେ ଜନନେତା ହେବାର ସମ୍ଭାବନାକୁ ଦେଖୁଥିବା ପ୍ରକାଶ କରିଥିଲେ। ଆୟୋଗ ଅଧ୍ୟକ୍ଷା ମନ୍ଦାକିନୀ କରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରତିକୂଳ ପରିବେଶରେ ପଛକୁ ନ ହଟି ନିଜ ତଥା ନିଜ ଅଞ୍ଚଳର ପିଲାଙ୍କ ପାଇଁ ପ୍ରେରଣାର ସ୍ରୋତ ପାଲଟିଥିବା ଝିଅମାନଙ୍କ ଭାବପୂର୍ଣ୍ଣ କାହାଣୀ ସମସ୍ତଙ୍କୁ ଅଭିଭୂତ କରିଥିଲା।

**'ରାଇଜିଂ ବିୟଣ୍ଡ ଶାଡୋ' ପୁସ୍ତକ ଉନ୍ମୋଚିତ**

ଆଶାଏଁ ଅନୁଷ୍ଠାନର ବିକ୍ରମ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ବାଲ୍ ରକ୍ଷା ଭାରତର ଡ. ଅଭିଜିତ ଭଦ୍ରା କନ୍ଧମାଳ, ବୌଦ୍ଧ ଏବଂ ଖୋର୍ଦ୍ଧା ଆଦି ବିଭିନ୍ନ ଜିଲାର ଚାମ୍ପିୟନ୍‌ମାନଙ୍କ ପ୍ରେରଣାଦାୟକ ଘଟଣା ଉପସ୍ଥାପନା କରିଥିଲେ। ଏହି ଅବସରରେ 'ରାଇଜିଂ ବିଅଣ୍ଡ ଶାଡୋ' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏଥିରେ ଯୁବ ପରିବର୍ତ୍ତନ କର୍ମୀଙ୍କ ଅସାଧାରଣ ଯାତ୍ରାକୁ ଉପସ୍ଥାପନା କରାଯାଇଛି। ବୌଦ୍ଧ ଜିଲାର ପିଲାଙ୍କ ଦ୍ୱାରା ସଚେତନତା ନାଟକ ପରିବେଷଣ ହୋଇଥିଲା। ଅନୁଷ୍ଠାନ ଏବଂ ବାଲ୍ ରକ୍ଷା ଭାରତ ପକ୍ଷରୁ ପଥପ୍ରାନ୍ତ ଶିଶୁମାନଙ୍କ ଶିକ୍ଷା ଓ ସୁରକ୍ଷା ସମ୍ପର୍କିତ ଦାବିପତ୍ର ଅତିଥିଙ୍କୁ ପ୍ରଦାନ କରାଯାଇଥିଲା। ଆଶାଏଁର ପି. ଲକ୍ଷ୍ମୀ ରେଡ୍ଡୀ ଓ ପାୟଲ ବେହେରା ନିଜ ସଂଘର୍ଷ କାହାଣୀ ମାଧ୍ୟମରେ ପଥପ୍ରାନ୍ତ ପିଲାଙ୍କ ସମସ୍ୟା ବର୍ଣ୍ଣନା କରିଥିଲେ। ଉଲ୍ଲେଖନୀୟ କାର୍ଯ୍ୟକ୍ରମ ନିମନ୍ତେ ୩୦ଜଣ ଶିଶୁ ଚାମ୍ପିୟନ୍‌ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପଆରକ୍ଷୀ ଅଧୀକ୍ଷକ ଅସ୍ମିତା ପାରମିତା, ବାଲ୍‌ରକ୍ଷା ଭାରତର କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମୁଖ୍ୟ ପ୍ରଦୀପ ମିଶ୍ର ଯୋଗଦେଇଥିଲେ। ଉଦ୍‌ଘାଟନୀ ସଭା ପରେ ପିଲାଙ୍କ ଶିକ୍ଷା ଅଧିକାର ସମ୍ପର୍କିତ କର୍ମଶାଳା ଆୟୋଜିତ ହୋଇଥିଲା। ଏଥିରେ ଓସେପା ଯୁଗ୍ମ ନିର୍ଦ୍ଦେଶକ ମହେଶ୍ୱର ସାହୁ, ଓଡିଶା ଶିକ୍ଷା ଅଧିକାର ଫୋରମର ପ୍ରତିଷ୍ଠାତା ଅନିଲ କୁମାର ପ୍ରଧାନ, ଆଶାଏଁ ଅଧ୍ୟକ୍ଷ ରତ୍ନାକର ସାହୁ, ଡମଣା ହାଇସ୍କୁଲ ପ୍ରଧାନଶିକ୍ଷକ ବିଶ୍ୱନାଥ ସାହୁ ପ୍ରମୁଖ ଯୋଗଦେଇ ପିଲାଙ୍କ ଶିକ୍ଷା ଅଧିକାରର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ।


ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଲାଗି ଭୁବନେଶ୍ୱର ମହାତ୍ମା ଗାନ୍ଧୀ ମାର୍ଗରେ ଶୁକ୍ରବାର ଅନୁଷ୍ଠିତ ଫୁଲ୍ ଡ୍ରେସ୍ ଅଭ୍ୟାସ ପରେଡ୍‌ରେ ଅଂଶଗ୍ରହଣ କରିଥିବା ଟ୍ରାଇବାଲ୍ ନୃତ୍ୟଶିଳ୍ପୀମାନେ ନିଆରା ଢଙ୍ଗରେ ଭାବ ପ୍ରଦର୍ଶନ କରୁଛନ୍ତି। (ଫଟୋ- ବିକାଶ ନାୟକ)

# ଶ୍ରୀମନ୍ଦିର ପ୍ରଶାସନର କର୍ମଚାରୀ ପିନ୍ଧିଲେ ହସ୍ତତନ୍ତ ଲୁଗା

ପୁରୀ,୨୪।୧(ଅଜିତ୍ କୁମାର ମହାନ୍ତି)

ଗତ ୧୭ ତାରିଖରେ ଶ୍ରୀମନ୍ଦିର ପ୍ରଶାସନର କାର୍ଯ୍ୟ ସମୀକ୍ଷା ଅବସରରେ ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କୁ ୫ ସୂତ୍ରୀ କାର୍ଯ୍ୟାବଳୀ ଅନୁପାଳନ ପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ ପରାମର୍ଶ ଦେଇଥିଲେ। ତନ୍ମଧ୍ୟରେ ପ୍ରତ୍ୟେକ ଶୁକ୍ରବାର ସମସ୍ତ ଅଧିକାରୀ ଓ କର୍ମଚାରୀ ହସ୍ତତନ୍ତ ଲୁଗା ପିନ୍ଧି କାର୍ଯ୍ୟାଳୟ ଆସିବାକୁ କୁହାଯାଇଥିଲା। ଏହି କ୍ରମରେ ଶୁକ୍ରବାର ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀ ଓ କର୍ମଚାରୀମାନେ ହସ୍ତତନ୍ତର ଲୁଗା ପିନ୍ଧି କାର୍ଯ୍ୟାଳୟ ଆସିଥିଲେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଆହ୍ୱାନକ୍ରମେ ସମସ୍ତ କର୍ମଚାରୀ ଏହି ପରାମର୍ଶକୁ କାର୍ଯ୍ୟକାରୀ କରିଛନ୍ତି। ଏଥିସହ ସେମାନେ ରାଜ୍ୟର ପାରମ୍ପରିକ ହସ୍ତତନ୍ତ ତଥା ବୁଣାକାରଙ୍କୁ ସମ୍ମାନ ପ୍ରଦର୍ଶନ କରିଛନ୍ତି। ଏଥିପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢୀ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହି ସାଙ୍କେତିକ ଧାରା ଆମ ରାଜ୍ୟର ସମସ୍ତ ବୁଣାକାରଙ୍କୁ ହୃଦୟଭରା ସମ୍ମାନ ଉଦ୍ଦେଶ୍ୟରେ ସମର୍ପିତ ବୋଲି ଡ. ପାଢୀ କହିଛନ୍ତି।

# ପୃଥକ୍ ସ୍ଥାନରେ ଟ୍ରେନ୍‌ରୁ ଖସି ୨ ମୃତ

ବାଲୁଗାଁ/ବେଗୁନିଆ,୨୪।୧(ସଂଗ୍ରାମ ପାଇକରାୟ/ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା ଜିଲା ବାଲୁଗାଁ ରେଳଷ୍ଟେଶନର ଦକ୍ଷିଣ କ୍ୟାବିନ ନିକଟରେ ଶୁକ୍ରବାର ଟ୍ରେନ୍‌ରୁ ଖସିପଡ଼ିବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାଣପୁର ଥାନା ଅଧୀନ ରୋଉପଡ଼ା ଗ୍ରାମର ସତ୍ୟବାନ୍ ସ୍ୱାଇଁ। ସୂଚନା ମୁତାବକ, ସକାଳ ୭ଟାରେ ବାଲୁଗାଁ ଷ୍ଟେଶନର ୨ ନମ୍ବର ପ୍ଲାଟ୍‌ଫର୍ମରୁ ସତ୍ୟବାନ୍ କୌଣସି କାର୍ଯ୍ୟରେ ବ୍ରହ୍ମପୁର ଯିବା ପାଇଁ ପ୍ରଶାନ୍ତି ଏକ୍ସପ୍ରେସ୍‌ରେ ଚଢ଼ିଥିଲେ। ତେବେ ଟ୍ରେନ୍‌ଟି କିଛିଦୂର ଅତିକ୍ରମ କରିବା ପରେ ଦକ୍ଷିଣ କ୍ୟାବିନ ନିକଟରେ ଅସାବଧାନତାବଶତଃ ସତ୍ୟବାନ୍ ରେଳଧାରଣାକୁ ଖସିପଡ଼ିଥିଲେ। ଫଳରେ ଟ୍ରେନ୍ ଚକ ମାଡ଼ିଯିବାରୁ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଖବରପାଇ ଜିଆର୍‌ପି ଅଧିକାରୀ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୬/୨୫) ରୁଜୁ ହୋଇଛି।

ସେହିପରି ବେଗୁନିଆ ବ୍ଲକ ଅନ୍ତର୍ଗତ ପରିଛଲ ଗ୍ରାମର ଜଣେ ଯୁବକ ରେତଙ୍ଗ ଷ୍ଟେଶନଠାରେ ଟ୍ରେନ୍‌ରୁ ଖସିପଡ଼ିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ପ୍ରିୟବ୍ରତ ସାହୁ(୨୬)। ସୂଚନା ମୁତାବକ, ବିଶାଖାପାଟଣାରେ ନାଭାଲରେ ଚାକିରି କରୁଥିବା ଭାଇଙ୍କ ନିକଟକୁ ପ୍ରିୟବ୍ରତ ଟ୍ରେନରେ ଯାଉଥିଲେ। ରେତଙ୍ଗ ଷ୍ଟେଶନଠାରେ ସେ ଟ୍ରେନ୍‌ରୁ ଖସିପଡ଼ିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ପରିବାର ଏବଂ ସମ୍ପର୍କୀୟ ପହଞ୍ଚି ମୃତଦେହ ଚିହ୍ନଟ କରିବା ପରେ ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ମେଡିକାଲକୁ ପଠାଯାଇଥିଲା।

# କନ୍ୟାସନ୍ତାନ ହେଉଛନ୍ତି ଅନନ୍ୟ ସୃଷ୍ଟି

ଭୁବନେଶ୍ୱର, ୨୪।୧ (ବନ୍ଦନା ସେଠୀ)

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଶୁକ୍ରବାର ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ସମ୍ମିଳନୀ କକ୍ଷରେ ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଯାଇଛି। କନ୍ୟା ସନ୍ତାନମାନେ ହେଉଛନ୍ତି ସୃଷ୍ଟିକର୍ତ୍ତାଙ୍କ ଅନନ୍ୟ ସୃଷ୍ଟି। ଝିଅଙ୍କ ପ୍ରତି ସାମାଜିକ ଦୃଷ୍ଟିଭଙ୍ଗୀରେ ଏକ ପିଢ଼ିଗତ ପରିବର୍ତ୍ତନ ଆସିବା ଦରକାର। ଝିଅଙ୍କ ତୁଳନାରେ ପୁଅ ସଂଖ୍ୟାରେ ଅଧିକ ବୃଦ୍ଧି ହେଉଥିବାରୁ ଜନସଂଖ୍ୟା ସନ୍ତୁଳନରେ ପ୍ରତିବନ୍ଧକ ସୃଷ୍ଟି ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ୟୁନିଟ-୨ ବାଳିକା ଉଚ୍ଚ ବିଦ୍ୟାଳୟରେ ଚିତ୍ରାଙ୍କନ ଓ ବିତର୍କ ପ୍ରତିଯୋଗିତା ଏବଂ ଧଉଳି କଲେଜ ଅଫ୍ ଆର୍ଟ ଆଣ୍ଡ କ୍ରାଫ୍ଟରେ କଳା ଓ ଚିତ୍ରକଳା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ସ୍ୱତନ୍ତ୍ର ଶାସନ ସଚିବ (ଜନସ୍ୱାସ୍ଥ୍ୟ) ଡା. ଜିତେନ୍ଦ୍ର ମୋହନ ବେବର୍ତ୍ତା, ପରିବାର କଲ୍ୟାଣ ନିର୍ଦ୍ଦେଶାଳୟର ନିର୍ଦ୍ଦେଶିକା ଡା. ସଂଯୁକ୍ତା ସାହୁ, ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟର ଡା. ସତ୍ୟବ୍ରତ ଛୋଟରାୟ, ଡା. ମୁରଲୀଧର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

# 'ଅପରାହ୍ନର ସୂର୍ଯ୍ୟ' ପାଇଁ ଅଜୟ ମହାନ୍ତିଙ୍କୁ 'ଶ୍ରେଷ୍ଠ କାହାଣୀକାର' ସମ୍ମାନ

ଭୁବନେଶ୍ୱର,୨୪।୧(ସୌମ୍ୟରଞ୍ଜନ ରାଉତ)

ଚଳଚ୍ଚିତ୍ର ପତ୍ରିକା 'ଚଳଚ୍ଚିତ୍ର ଜଗତ'ର ୪୯ତମ ବାର୍ଷିକ ଉତ୍ସବ ଓ ଚଳଚ୍ଚିତ୍ର ଜଗତ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଜୟ ମହାନ୍ତିଙ୍କୁ 'ଶ୍ରେଷ୍ଠ କାହାଣୀକାର' ଭାବେ ସମ୍ମାନିତ କରାଯାଇଛି। ୨୦୨୪ ସେପ୍ଟେମ୍ବରରେ ରିଲିଜ୍ ହୋଇଥିବା ଚଳଚ୍ଚିତ୍ର 'ଅପରାହ୍ନର ସୂର୍ଯ୍ୟ' ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଚଳଚ୍ଚିତ୍ରରେ ମୁଣ୍ଡପୋତା କେଳାର ଚଳଣୀ, ଖେଳ, କୌଶଳ, ବେଉସା ଏବଂ ଜୀବନଶୈଳୀ ବିଶେଷକରି ସମାଜରେ ସେମାନଙ୍କ ସ୍ଥାନକୁ ଅତି ନିଖୁଣ ଭାବେ ଚିତ୍ରଣ କରାଯାଇଛି। ଏନେଇ ଅଜୟ କହିଛନ୍ତି, ବର୍ତ୍ତମାନ ଓଡିଆ ସିନେମା ଜଗତରେ ଚଳଚ୍ଚିତ୍ରଟିଏ ବଞ୍ଚିବା ପାଇଁ ସଂଘର୍ଷ କରୁଛି। ଏହାର କାରଣ ଦର୍ଶକମାନେ ଭିନ୍ନ ଧରଣର ଚଳଚ୍ଚିତ୍ର ଦେଖିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ଲୋକକଳା ବଞ୍ଚିଲେ ଆମ ଓଡିଆ ପରମ୍ପରା ବଞ୍ଚିବ। 'ଅପରାହ୍ନ ସୂର୍ଯ୍ୟ' ଚଳଚ୍ଚିତ୍ର ଜଗତରେ ଏକ ନୂଆଧାରାର ଫିଲ୍ମ ଭାବେ ପ୍ରଦର୍ଶିତ ହେଉଛି। ତେବେ ଚଳଚ୍ଚିତ୍ର ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନ ଯୋଗାଇଦେବା ଆବଶ୍ୟକ। ସେହିପରି କଳିଙ୍ଗ ଷ୍ଟୁଡିଓ ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ ହେଲେ ଓଡିଆ ଚଳଚ୍ଚିତ୍ର ଆଗକୁ ବଢ଼ିବ। ବର୍ତ୍ତମାନ ଓଡିଆ ଚଳଚ୍ଚିତ୍ରକୁ ଆଗକୁ ନେବା ପାଇଁ ସରକାର ବିଭିନ୍ନ ଯୋଜନା କରିବା ଆବଶ୍ୟକ ବୋଲି ସେ କହିଛନ୍ତି।

ଅଜୟ ଏକାଧାରରେ ଜଣେ କଣ୍ଠଶିଳ୍ପୀ, ପ୍ରଯୋଜକ, ନିର୍ଦ୍ଦେଶକ, ପ୍ରଚ୍ଛଦପଟ ନାୟକ ଏବଂ କଳାକାର ଭାବେ ନିଜକୁ ପ୍ରମାଣିତ କରି ପାରିଛନ୍ତି। 'ନଈ ସେପାରି କନକ ଗୋରୀ' ଚଳଚ୍ଚିତ୍ରରେ ସେ ପ୍ରଥମ କରି ନିର୍ଦ୍ଦେଶନା ଦେଇଥିଲେ। ଏହାପରେ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ, ଡକ୍ୟୁମେଣ୍ଟାରୀ, ଟେଲି ଫିଲ୍ମ, ଶର୍ଟ ଫିଲ୍ମ, ସଚେତନଧର୍ମୀ କାର୍ଯ୍ୟକ୍ରମ କରିଛନ୍ତି।



ଅଜୟ ମହାନ୍ତି

# ୨୮ରେ ବିଏମ୍‌ସି ବଜେଟ

ଭୁବନେଶ୍ୱର, ୨୪।୧ (ବନ୍ଦନା ସେଠୀ)

ଆସନ୍ତା ୨୮ରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ମାସିକିଆ ବୈଠକ ଅନୁଷ୍ଠିତ ହେବ। ଏହି ଅବସରରେ ୨୦୨୫-୨୬ ପାଇଁ ବଜେଟ୍ ଉପସ୍ଥାପନ ହେବ। ଏହାର ଅବ୍ୟବହିତ ପୂର୍ବରୁ ଶୁକ୍ରବାର ସମସ୍ତ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷଙ୍କୁ ନେଇ ବିଏମ୍‌ସି ମୁଖ୍ୟାଳୟରେ ଏକ ପ୍ରି-ବଜେଟ ବୈଠକ ଅନୁଷ୍ଠିତ ହୋଇଥିଲା। ବଜେଟ୍‌କୁ ନେଇ ୨୮ ପୂର୍ବରୁ ପ୍ରସ୍ତାବ ଦେବା ପାଇଁ ମେୟର ସୁଲୋଚନା ଦାସ ଉପସ୍ଥିତ ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ମେୟର କହିଲେ, ଗଙ୍ଗୁଆ ନାଳର ସୌନ୍ଦର୍ଯ୍ୟକରଣ ତଥା ପୁନରୁଦ୍ଧାର ପାଇଁ ବିଏମ୍‌ସି ସ୍ୱତଃପ୍ରବୃତ୍ତ ଭାବେ ପଦକ୍ଷେପ ନେବ। ଶହୀଦନଗର ହାଟ ନିକଟରେ ଅଡିଟୋରିୟମ୍ ନିର୍ମାଣ, ପାନ୍ଥନିବାସର ପୁନରୁଦ୍ଧାର ଏବଂ ଚନ୍ଦ୍ରଶେଖରପୁର କଲ୍ୟାଣମଣ୍ଡପକୁ ଆଧୁନିକୀକରଣ ନେଇ ମେୟର ପ୍ରସ୍ତାବ ଦେଇଥିଲେ।

# ୨୦୨୪ରେ ଟ୍ରେନ୍ ଉପରେ ୩୧୯୦୧ଥର ପଥର ମାଡ଼

ଭୁବନେଶ୍ୱର,୨୪।୧(ଅନୁରାଧା ମହାରଣା)



ଟ୍ରେନଗୁଡ଼ିକ ଉପରେ ପଥର ମାଡ଼ ଘଟଣା ଉପରେ ରୋକ ଲଗାଇବା ଭାରତୀୟ ରେଳପଥ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ପାଲଟିଛି। ପ୍ରଧାନ ମୁଖ୍ୟ ସୁରକ୍ଷା ଆୟୋଗ ଆଇଆର୍‌ପିଏଫ୍‌ଏସ୍ ଆଲୋକ ଭୋରା ଏହି ପଥର ଫିଙ୍ଗାଳିଙ୍କ ମୁକାବିଲା ପାଇଁ ଆର୍‌ପିଏଫର ରଣନୈତିକ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଛନ୍ତି। ଆର୍‌ବି ସୁରକ୍ଷା ନିର୍ଦ୍ଦେଶାଳୟର ତଥ୍ୟ ଅନୁଯାୟୀ. ୨୦୨୪ରେ ଟ୍ରେନ ଉପରେ ୩୧୯୦୧ଥର ପଥରମାଡ଼ ହୋଇଥିଲା। ଏନେଇ ୩୩୯୧ ମାମଲା ପଞ୍ଜୀକୃତ ହୋଇଥିବାବେଳେ ୧୧୪୦ ଜଣଙ୍କୁ ଗିରଫ କରାଯାଇଛି। ଏଥିରେ ବନ୍ଦେ ଭାରତ ଟ୍ରେନ ଉପରେ ୭୪୧ ଆକ୍ରମଣ ଘଟଣା ଘଟିଛି ଏବଂ ୨୨୮ ଜଣଙ୍କୁ ଗିରଫ କରାଯାଇଛି। ସେହିଭଳି ବନ୍ଦେ ଭାରତ ଟ୍ରେନ ରେକ୍‌ରେ ୩୦ଟି ପଥର ଫିଙ୍ଗା ଘଟଣା ରିପୋର୍ଟ ହୋଇଛି ଓ ଏଥିରେ ୩୬ ଜଣଙ୍କୁ ଗିରଫ କରାଯାଇଛି। ଅନ୍ୟାନ୍ୟ ଟ୍ରେନଗୁଡ଼ିକରେ ୮୫ଟି ଘଟଣା ରିପୋର୍ଟ ହୋଇଥିବାବେଳେ ୬୫ ଜଣଙ୍କୁ ଗିରଫ କରାଯାଇଛି। ରେଳପଥର ୦.୧୦%ରୁ ଅଧିକ ଜମି ଜବରଦଖଲ କରାଯାଇଛି। ଫଳରେ ରେଳପଥ ପାଖରେ ଚଳାଚଳ ପାଇଁ ଖୋଲା ପ୍ରବେଶ ସହ ଏହି ଟ୍ରାକ ସଂଲଗ୍ନ ବାସସ୍ଥାନଗୁଡ଼ିକ ଉପଦ୍ରବ ସୃଷ୍ଟି କରୁଛି। ବନ୍ଦେ ଭାରତ ଟ୍ରେନଗୁଡ଼ିକରେ ପଥର ଫିଙ୍ଗା ଘଟଣାରେ ମରାମତି ଲାଗି କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଛି ଓ ଯାତ୍ରୀଙ୍କ ପ୍ରତି ଆତଙ୍କ ଏବଂ ଭୟର ବାତାରଣ ସୃଷ୍ଟି କରିଛି। ରୋଲିଂ ଷ୍ଟକ୍ ଚଳାଉଥିବା ଲୋକୋ ପାଇଲଟଙ୍କ ଉପରକୁ ଲକ୍ଷ୍ୟ କରି ପଥରମାଡ଼ ଦ୍ୱାରା ଦୁର୍ଘଟଣା ଘଟୁଛି ବୋଲି ଭୋରା କହିଛନ୍ତି। ପଥରମାଡ଼ଜନିତ କ୍ଷୟକ୍ଷତି ରୋକିବା ଲାଗି ରେଳ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ତେଜସ, ବନ୍ଦେ ଭାରତ ଏକ୍ସପ୍ରେସ, ଏସି ଲୋକାଲ ଟ୍ରେନ ଆଦିରେ ରେକ ସୁରକ୍ଷା ବ୍ୟବସ୍ଥାକୁ ବୃଦ୍ଧି କରାଯାଉଛି। ଏସି କୋଚ୍‌ଗୁଡ଼ିକରେ ପଥର ପ୍ରତିରୋଧି ପଲିମର ପ୍ରଯୁକ୍ତି ବିଦ୍ୟା ସହିତ ଲାମିନେଟେଡ ବଣ୍ଡିଟ ଗ୍ଲାସ ସିଲ୍ଡ ଡିଜାଇନ କରାଯାଇଛି। ଦ୍ୱାର ଓ ସିଲ ହୋଇଥିବା ଝରକାଗୁଡ଼ିକୁ ସ୍ୱୟଂଚାଳିତ ଭାବରେ ବନ୍ଦ କରିବା, ଲୋକାଲ ଟ୍ରେନଗୁଡ଼ିକରେ ଲୁହା ଜାଲି ଡିଜାଇନ ହୋଇଥିବା ଝରକାଗୁଡ଼ିକୁ ଅନ୍ୟ ଯାତ୍ରୀବାହୀ ଟ୍ରେନରେ ସଂସ୍ଥାପିତ କରିବା, ଟ୍ରେନ, ଷ୍ଟେଶନ ଓ ସେକ୍ସନରେ ୩୬୦ ଡିଗ୍ରୀ ସିସିଟିଭି ନିରୀକ୍ଷଣକୁ ସୁନିଶ୍ଚିତ କରିବା ଦ୍ୱାରା ଏପରି ଅପରାଧ ହ୍ରାସ ପାଇପାରେ ବୋଲି ସେ କହିଛନ୍ତି।

